# Official Spokesperson's response to media queries on COVID19 related drugs and pharmaceuticals

April 07, 2020

## କୋଭିଡ-19 ସମ୍ବନ୍ଧୀୟ ଔଷଧ ଏବଂ ଔଷଧୀୟ ସାମଗ୍ରୀ ପ୍ରସଙ୍ଗରେ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ଏପ୍ରିଲ 07, 2020

କୋଭିଡ-19 ସମ୍ବନ୍ଧୀୟ ଔଷଧ ଏବଂ ଔଷଧୀୟ ସାମଗ୍ରୀ ପ୍ରସଙ୍ଗରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତିଯେ,

"କୋଭିଡ-19 ସମ୍ବନ୍ଧୀୟ ଔଷଧ ଏବଂ ଔଷଧୀୟ ସାମଗ୍ରୀ ପ୍ରସଙ୍ଗରେ ଅନାବଶ୍ୟକ ବିବାଦ ସୃଷ୍ଟି କରିବା ପାଇଁ କିଛି ଗଣମାଧ୍ୟମର ଚେଷ୍ଟା ବିଷୟରେ ଆମେ ଅବଗତ। ଏକ ଦାୟିତ୍ୱବାନ ସରକାର ଭାବରେ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ଯେ ଆମ ନିଜ ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଔଷଧ ଉପଲବ୍ଧତା ସୁନିଶ୍ଚିତ କରିବା। ଏଥି ନିମନ୍ତେ ଅନେକ ଔଷଧୀୟ ସାମଗ୍ରୀର ରପ୍ତାନୀ ଉପରେ ପ୍ରତିବନ୍ଧ ଲଗାଇବା ପାଇଁ କିଛି ଅସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ସମୟରେ ବିଭିନ୍ନ ପରିସ୍ଥିତିରେ ସମ୍ଭାବ୍ୟ ଆବଶ୍ୟକତା ଉପରେ ଏକ ବିସ୍ତୃତ ଆକଳନ କରାଯାଇଥିଲା। ସମସ୍ତ ସମ୍ଭାବ୍ୟ ପରିସ୍ଥିତି ପାଇଁ ସମ୍ପ୍ରତି ଧାର୍ଯ୍ୟ ହୋଇଥିବା ଔଷଧର ଉପଲବ୍ଧତା ସୁନିଶ୍ଚିତ କରିବା ପରେ ଏହି ପ୍ରତିବନ୍ଧଗୁଡିକ ମୁଖ୍ୟତଃ ଉଠାଇ ଦିଆଯାଇଛି। ଗତକାଲି 14ଟି ଔଷଧ ଉପରେ ପ୍ରତିବନ୍ଧ ଉଠାଇବାକୁ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫଟି) ସୂଚିତ କରିଛନ୍ତି। ପାରାସିଟାମୋଲ ଏବଂ ହାଇଡ୍ରୋକ୍ସିକ୍ଲୋରୋକୁଇନ (ଏଚସିକ୍ୟୁ)କୁ ଲାଇସେନ୍ସପ୍ରାପ୍ତ ଶ୍ରେଣୀରେ ରଖାଯିବ ଏବଂ ଏଗୁଡିକର ଚାହିଦା ସ୍ଥିତି ଉପରେ ନିରନ୍ତର ନଜର ରଖାଯିବ। ତଥାପି ଏଗୁଡିକର ଗଚ୍ଛିତ ସ୍ଥିତିକୁ ଦୃଷ୍ଟିରେ ରଖି ଆମ ଦେଶର କମ୍ପାନୀଗୁଡ଼ିକୁ ଚୁକ୍ତି କରିଥିବା ରପ୍ତାନି ପ୍ରତିଶ୍ରୁତି ପୂରଣ କରିବାକୁ ଅନୁମତି ମିଳିପାରେ।

କୋଭିଡ-19 ମହାମାରୀର ବ୍ୟାପକତାକୁ ଦୃଷ୍ଟିରେ ରଖି ଭାରତ ସର୍ବଦା ଜୋର ଦେଇଛିଯେ ବିଶ୍ୱ ସମୁଦାୟ ଦୃଢ ଏକତା ଏବଂ ସହଯୋଗ ପ୍ରଦର୍ଶନ କରିବା ଆବଶ୍ୟକ। ଏହି ପନ୍ଥାକୁ ଅନୁସରଣ କରି ଅନ୍ୟ ଦେଶର ନାଗରିକମାନଙ୍କୁ ଆମେ ସ୍ଥାନାନ୍ତର କରିବା ପାଇଁ ମଧ୍ୟ ମାର୍ଗଦର୍ଶନ ପାଇଥିଲୁ। ମାନବିକତା ଦୃଷ୍ଟିରୁ ଏହା ନିଷ୍ପତ୍ତି ନିଆଯାଇଛିଯେ ଆମର ସାମର୍ଥ୍ୟ ଉପରେ ନିର୍ଭରଶୀଳ ସମସ୍ତ ପଡୋଶୀ ଦେଶମାନଙ୍କୁ ଭାରତ ଉପଯୁକ୍ତ ପରିମାଣରେ ପାରାସିଟାମୋଲ ଏବଂ ହାଇଡ୍ରୋକ୍ସିକ୍ଲୋରୋକୁଇନ ଲାଇସେନ୍ସ ଦେବ। ଏହି ମହାମାରୀ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିବା କେତେକ ଦେଶକୁ ମଧ୍ୟ ଆମେ ଏହି ଅତ୍ୟାବଶ୍ୟକ ଔଷଧ ଯୋଗାଇଦେବୁ। ତେଣୁ ଆମେ ଏ ବାବଦରେ କୌଣସି କଳ୍ପନାଜଳ୍ପନା କିମ୍ବା ଏହି ପ୍ରସଙ୍ଗର ରାଜନୀତିକରଣ କରିବାର ପ୍ରୟାସକୁ ନିରୁତ୍ସାହିତ କରିବୁ।"

ନୂଆଦିଲ୍ଲୀ
ଏପ୍ରିଲ 07, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.